# Official Spokesperson's response to media queries on opinion of the Working Group on Arbitrary Detention concerning the case of Mr. Christian James Michel

February 26, 2021

# ଶ୍ରୀ ଖ୍ରୀଷ୍ଟିଆନ ଜେମ୍ସ ମାଇକେଲଙ୍କ ମାମଲାରେ ମନମୁତାବକ ଅଟକ ଉପରେ କାର୍ଯ୍ୟଗୋଷ୍ଠିର ମତାମତକୁ ନେଇ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଫେବୃଆରୀ 26, 2021**

**ଶ୍ରୀ ଖ୍ରୀଷ୍ଟିଆନ ଜେମ୍ସ ମାଇକେଲଙ୍କ ମାମଲାରେ ମନମୁତାବକ ଅଟକ ଉପରେ କାର୍ଯ୍ୟଗୋଷ୍ଠିର ମତାମତକୁ ନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅନୁରାଗ ଶ୍ରୀବାସ୍ତବ କହିଛନ୍ତିଯେ:**

ଶ୍ରୀ ଖ୍ରୀଷ୍ଟିଆନ ଜେମ୍ସ ମାଇକେଲଙ୍କ ମାମଲାରେ ମନମୁତାବକ ଅଟକ ଉପରେ କାର୍ଯ୍ୟଗୋଷ୍ଠିର ମତାମତ ଆଧିକାରିକ ଭାବେ ଜାରି ହେବା ପୂର୍ବରୁ ଆମେ ଏହାର ଚୟାନାତ୍ମକ ଲିକ୍ ଦେଖିଛୁ।

ଆରମ୍ଭରୁ ଆମେ ଏହା ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ କାର୍ଯ୍ୟଗୋଷ୍ଠି ଏକ ନ୍ୟାୟିକ ସଂସ୍ଥା ନୁହେଁ ତେଣୁ ଏହାର ମତାମତ ସଦସ୍ୟ ରାଷ୍ଟ୍ରମାନଙ୍କ ପାଇଁ ଆଇନଗତ ଭାବରେ ବାଧ୍ୟତାମୂଳକ ନୁହେଁ।

କାର୍ଯ୍ୟଗୋଷ୍ଠିର ଅନୁରୋଧକ୍ରମେ ଜୁନ 2020 ରେ ଭାରତ ସରକାର ସେମାନଙ୍କୁ ଏହି ବିଷୟରେ ଠିକ ସମୟରେ ସୂଚନା ପ୍ରଦାନ କରିଥିଲେ।

ଆମେ ଦୁଃଖିତଯେ କାର୍ଯ୍ୟଗୋଷ୍ଠି ପହଞ୍ଚିଥିବା ସିଦ୍ଧାନ୍ତ ସୀମିତ ସୂଚନା, ଅଜ୍ଞାତ ସୂତ୍ରରୁ ପକ୍ଷପାତୀ ଅଭିଯୋଗ ଏବଂ ଭାରତର ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ଭୁଲ ବୁଝିବା ଉପରେ ଆଧାରିତ।

ଦୁଇ ସାର୍ବଭୌମ ରାଷ୍ଟ୍ର ମଧ୍ୟରେ ସ୍ୱାକ୍ଷରିତ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଏହି ପ୍ରତ୍ୟର୍ପଣ କରାଯାଇଥିଲା। ଗିରଫ ଏବଂ ପରେ ହେପାଜତ ଆଇନ ପ୍ରକ୍ରିୟା ଅନୁଯାୟୀ କରାଯାଇଥିଲା ଏବଂ କୌଣସି କାରଣରୁ ମନମୁତାବକ ବିବେଚନା କରାଯାଇପାରିବ ନାହିଁ।

କୌଣସି ସମୟରେ ଅଭିଯୁକ୍ତଙ୍କୁ ଆଇନ ପରାମର୍ଶଦାତା କିମ୍ବା ନ୍ୟାୟପୂର୍ଣ୍ଣ ଶୁଣାଣି ଅଧିକାରରୁ ବଞ୍ଚିତ କରାଯାଇନଥିଲା। ଏହାର ପ୍ରମାଣ ହେଉଛିଯେ ସେ ଏକାଧିକ ଥର ଉଚ୍ଚ ନ୍ୟାୟପାଳିକା ସମେତ ନ୍ୟାୟାଳୟଙ୍କ ନିକଟକୁ ଯାଇପାରିଛନ୍ତି। କର୍ତ୍ତୃପକ୍ଷଙ୍କ ଦ୍ୱାରା କନସୁଲାର ସେବା ପ୍ରାପ୍ତ କରିବା ଉପରେ ମଧ୍ୟ କୌଣସି ପ୍ରତିବନ୍ଧକ ନାହିଁ। ତାଙ୍କୁ ଅନ୍ୟ ବନ୍ଦୀମାନଙ୍କ ପରି ବ୍ୟବହାର କରାଯାଇଛି ଏବଂ ନିୟମ ଅନୁଯାୟୀ ଜେଲ କର୍ତ୍ତୃପକ୍ଷ ତାଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି।

କାର୍ଯ୍ୟଗୋଷ୍ଠି ସଚେତନ ହେବା ଉଚିତ ଯେ ଏକ ସ୍ପନ୍ଦିତ ତଥା ସ୍ୱାଧୀନ ନ୍ୟାୟପାଳିକାରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗ ବିରୁଦ୍ଧରେ ଭାରତର ଅଭିଯୋଗ ସମାଧାନର ଦୃଢ ପ୍ରଣାଳୀ ରହିଛି ଏବଂ ପ୍ୟାରିସ୍ ନୀତି ଅନୁଯାୟୀ ଏକ 'ଏ ଶ୍ରେଣୀ' ର ଜାତୀୟ ମାନବ ଅଧିକାର ଆୟୋଗ ରହିଛି।

ଯେଉଁ ଅଭିଯୋଗଗୁଡ଼ିକ ଭିତ୍ତିରେ କାର୍ଯ୍ୟଗୋଷ୍ଠି ମତାମତ ଦେଇଛି ତାହା ସତ୍ୟର ବିପରୀତ ଅଟେ। ତେଣୁ ଭାରତ ସରକାର କାର୍ଯ୍ୟଗୋଷ୍ଠି ଦ୍ୱାରା ଦିଆଯାଇଥିବା ମତକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ମାନବାଧିକାର ପରିଷଦର ଜଣେ ଦାୟିତ୍ୱବାନ ସଦସ୍ୟ ଭାବରେ ସମସ୍ତଙ୍କ ମାନବାଧିକାରର ସୁରକ୍ଷା ତଥା ପ୍ରୋତ୍ସାହନ ପାଇଁ ଭାରତ କାର୍ଯ୍ୟଗୋଷ୍ଠି ସହ ସହଯୋଗ ଜାରି ରଖିବ ଏବଂ ଭାରତୀୟ ଆଇନ ଅନୁଯାୟୀ ଯଥା ସମ୍ଭବ ଆବଶ୍ୟକ ସୂଚନା ପ୍ରଦାନ କରିବ।

**ନୂଆଦିଲ୍ଲୀ**
**ଫେବୃଆରୀ 26, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.